**ସରକାରୀ ପ୍ରତିଭୂତି - ଭବିଷ୍ୟନିଧି ପାଣ୍ଠି ପାଇଁ ନିବେଶ ସୁଯୋଗ**

**ସରକାରୀ ପ୍ରତିଭୂତି ବଜାର**

**ଭବିଷ୍ୟନିଧି ପାଣ୍ଠି ପାଇଁ ନିବେଶ ସୁଯୋଗ**

**ସରକାରୀ ପ୍ରତିଭୂତି (ଜି-ସେକ୍ସ (G.Secs) କାହିଁକି ?**

ଭବିଷ୍ୟନିଧି ପାଣ୍ଠି, ବିପଦମୁକ୍ତ ପ୍ରତିଭୂତିରେ ନିବେଶ କରିବାକୁ ଆବଶ୍ୟକ କରେ ଯାହାକି ତାକୁ ଏକ ପରିମିତ ପରିମାଣର ଆୟ ଫେରସ୍ତ ଦେଇଥାଏ। ସରକାରୀ ପ୍ରତିଭୂତିକୁ ଉତ୍କୃଷ୍ଟ ପ୍ରତିଭୂତି (Gilt edged Securities) ବା ଜି-ସେକ୍ସ (G.Secs) କୁହାଯାଏ। ଏହା କେବଳ କ୍ଷତିମୁକ୍ତ ନୁହେଁ ବରଂ ଏକ ଯଥାର୍ଥ ଆୟ ମଧ୍ୟ ଫେରସ୍ତ ଦେଇଥାଏ। ତେଣୁ ଭବିଷ୍ୟନିଧି ପାଣ୍ଠି ପାଇଁ ଏହା ସର୍ବୋତ୍ତମ ନିବେଶ ସୁଯୋଗ ସୃଷ୍ଟି କରିଥାଏ।

**ଜି-ସେକ୍ସ କ'ଣ ?**

ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଦିନାଙ୍କିତ ପ୍ରତିଭୂତି ଓ ରାଜ୍ୟ ସରକାରଙ୍କ ଟ୍ରେଜେରୀ ବିଲ୍ ସରକାରୀ ପ୍ରତିଭୂତିର ଅନ୍ତର୍ଭୁକ୍ତ।

ସରକାରଙ୍କ ପ୍ରତିନିଧି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହିସବୁ ପ୍ରତିଭୂତିକୁ ତାର ବିଭିନ୍ନ ସ୍ଥାନରେ ଥିବା ସାର୍ବଜନୀନ ଋଣ କାର୍ଯ୍ୟାଳୟ ମାଧ୍ୟମରେ ପରିଚାଳନା ଓ ସେବା ପ୍ରଦାନ କରୁଛି।

**ଟ୍ରେଜେରୀ ବିଲ୍ :**

***ପ୍ରକାରଭେଦ***

ଟ୍ରେଜେରୀ ବିଲ୍ (ଟି.ବିଲ୍) ସ୍ୱଳ୍ପକାଳୀନ ନିବେଶ ସୁଯୋଗ (ସାଧାରଣତଃ ଏକ ବର୍ଷ ପର୍ଯ୍ୟନ୍ତ) ପ୍ରଦାନ କରେ। ତେଣୁ ଟ୍ରେଜେରୀ ବିଲ୍ ଦ୍ୱାରା ସ୍ୱଳ୍ପକାଳୀନ ନଗଦର ଉପଯୋଗପୂର୍ଣ୍ଣ ପରିଚାଳନା ହୋଇଥାଏ। ଏବେ ଭାରତ ସରକାରଙ୍କ ପକ୍ଷରୁ ୪ ପ୍ରକାରର ଟ୍ରେଜେରୀ ବିଲ୍, ଯଥା ୧୪ ଦିନିଆ, ୯୧ ଦିନିଆ, ୧୮୨ ଦିନିଆ ଓ ୩୬୪ ଦିନିଆ ଟ୍ରେଜେରୀ ବିଲ୍ ପ୍ରଚଳିତ ହେଉଛି।

***ପରିମାଣ***

ଟ୍ରେଜେରୀ ବିଲ୍ ର ପରିମାଣ ସର୍ବନିମ୍ନ ୨୫ ହଜାର ଓ ୨୫ ହଜାରର ଗୁଣିତକ ହୋଇଥାଏ। ଟି-ବିଲ୍ ରିହାତି ମୂଲ୍ୟରେ ଜାରି କରାଯାଏ ଓ ପୂର୍ଣ୍ଣ ମୂଲ୍ୟ ରେ ମୁକୁଳା ଯାଇଥାଏ।

***ନିଲାମ***

୧୪ ଦିନିଆ ଓ ୯୧ ଦିନିଆ ଟି-ବିଲ୍ ପ୍ରତ୍ୟକେ ସପ୍ତାହର ଶୁକ୍ରବାରରେ ନିଲାମ ହେଉଥିବା ବେଳେ ୧୮୨ ଦିନିଆ ଓ ୩୬୪ ଦିନିଆ ଟ୍ରେଜେରୀ ବିଲ୍ ର ନିଲାମ ପ୍ରତି ପରବର୍ତ୍ତୀ ସପ୍ତାହର ବୁଧବାରରେ ହେଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଟି-ବିଲ୍ ନିଲାମର ଏକ କ୍ୟାଲେଣ୍ଡର ଜାରି କରାଯାଇଛି। ସେଥିରେ ନିଲାମର ନିର୍ଦ୍ଦିଷ୍ଟ ତାରିଖ, ନିଲାମ ପରିମାଣ ଓ ପୈଠ ତାରିଖ ଉଲ୍ଲିଖିତ ପ୍ରେସ୍ ଇସ୍ତାହାର ପ୍ରତି ନିଲାମ ପୂର୍ବରୁ ଜାରି କରାଯାଇଥାଏ।

| **ଟ୍ରେଜେରୀ ବିଲ୍ ର ପ୍ରକାର** | **ନିଲାମ ଦିନ** | **ଦେୟ ପ୍ରଦାନର ଦିନ** |
|---|---|---|
| ୧୪ ଦିନିଆ | ଶୁକ୍ରବାର | ପରବର୍ତ୍ତୀ ଶନିବାର |
| ୯୧ | ଶୁକ୍ରବାର | ପରବର୍ତ୍ତୀ ଶନିବାର |

| | | |
|---|---|---|
| ଦିନିଆ | | |
| ୧୮୨ ଦିନିଆ | ବୁଧବାର | (ନିର୍ଦ୍ଧାରିତ ସପ୍ତାହର ପରବର୍ତ୍ତୀ ଗୁରୁବାର) |
| ୩୬୪ ଦିନିଆ | ନିର୍ଦ୍ଧାରିତ ସପ୍ତାହର ବୁଧବାର | ଗୁରୁବାର |

ଯଦି ଅର୍ଥ ଗ୍ରହଣର ଦିନ ଛୁଟି ଦିନ ପଡୁଥାଏ ତେବେ ଛୁଟିଦିନ ପରବର୍ତ୍ତୀ ଦିନରେ ଅର୍ଥ ପ୍ରଦାନ କରାଯିବ।

***ଦେୟ ପ୍ରଦାନ***

୧୪ ଦିନିଆ ଓ ୯୧ ଦିନିଆ ଟି-ବିଲକୁ କ୍ରୟ କରିଥିବା ସଫଳ ନିଲାମଧାରୀ ଶୁକ୍ରବାର ନିଲାମ ସରିଥିବା ଟ୍ରେଜେରୀ ବିଲ୍ ପାଇଁ ଶନିବାର ଦିନ ଦେୟ ପୈଠ କରିବେ, ଏବଂ ୧୮୨ ଦିନିଆ ଓ ୩୬୪ ଦିନିଆ ଟି-ବିଲକୁ କ୍ରୟ କରିଥିବା ସଫଳ ନିଲାମଧାରୀଙ୍କୁ ପରବର୍ତ୍ତୀ ଗୁରୁବାରରେ ଦେୟ ପ୍ରଦାନ କରିବାକୁ ପଡିବ। ସଫଳ ନିଲାମଧାରୀଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ ନାମରେ ଚେକ/ନଗଦ ଅର୍ଥ ଅବା ବ୍ୟାଙ୍କର୍ସ ପେ ଅର୍ଡର ମାଧ୍ୟମରେ ନିଲାମ ଅର୍ଥ ପୈଠ କରିବାର ଆବଶ୍ୟକତା ରହିଛି।

***ଅଂଶଗ୍ରହଣ***

ଅଣ-ପ୍ରତିଯୋଗୀ ନିଲାମଧାରୀଭାବେ ଭବିଷ୍ୟନିଧି ପାଣ୍ଠି (Provident Fund) ୧୪ ଓ ୯୧ ଦିନିଆ ଟି-ବିଲରେ ଅଂଶଗ୍ରହଣ କରିପାରିବ। ୧୮୨ ଦିନିଆ ଓ ୩୬୪ ଦିନିଆ ଟି-ବିଲ୍ କ୍ରୟ ପାଇଁ ଅଣ ପ୍ରତିଯାଗୀ ନିଲାମଧାରୀ ଭାବେ ଭବିଷ୍ୟନିଧି ପାଣ୍ଠିକୁ ଅନୁମତି ଦିଆଯାଇ ନାହିଁ। ଅଣ ପ୍ରତିଯୋଗୀ ନିଲାମଧାରୀ ଭାବେ ଅଂଶଗ୍ରହଣ କରିବା ଅର୍ଥ ପ୍ରୋଭିଡେଣ୍ଟ ଫଣ୍ଡ ଯେଉଁ ପ୍ରାପ୍ତି ଦରରେ ବିଲ୍ କ୍ରୟ କରିବାକୁ ଇଚ୍ଛୁକ, ତାହା ଉଲ୍ଲେଖ କରିପାରିବ ନାହିଁ। ପ୍ରତିଯୋଗୀ ନିଲାମଧାରୀ ମାନଙ୍କଦ୍ୱାରା ଗୃହିତ ଦର ଅନୁସାରେ, ହାରାହାରି ଦରରେ  ରିଜର୍ଭ ବ୍ୟାଙ୍କ ଅଣପ୍ରତିଯୋଗୀ ନିଲାମଧାରୀମାନଙ୍କ ମଧ୍ୟରେ ଟି-ବିଲ୍ ବଣ୍ଟନ କରିଥାଏ। ଅଣପ୍ରତିଯୋଗୀ ନିଲାମଧାରୀଙ୍କୁ ବିକ୍ରି, ଉଦ୍ଧିଷ୍ଟ ବିକ୍ରି ପରିମାଣ ବାହାରେ ଥାଏ। ଅନ୍ୟ ଅର୍ଥରେ କହିବାକୁ ଗଲେ ଆବଶ୍ୟକ ପରିମାଣର ଟି-ବିଲ କ୍ରୟ କରିବା ପାଇଁ ଭବିଷ୍ୟନିଧି ପାଣ୍ଠି କୌଣସି ଅନିଶ୍ଚିତତାର ସମ୍ମୁଖୀନ ହୁଏ ନାହିଁ।

***କେଉଁ ଠାରୁ କ୍ରୟ କରିବେ ?***

ଟି-ବିଲର ନିଲାମ ମୁମ୍ବାଇସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ହୁଏ। ତେଣୁ ସେଥିପାଇଁ ଭବିଷ୍ୟନିଧି ପାଣ୍ଠି ନିର୍ଦ୍ଧିଷ୍ଟ ଫର୍ମ ପୂରଣ କରି ରିଜର୍ଭ ବ୍ୟାଙ୍କର ମୁମ୍ବାଇ କାର୍ଯ୍ୟାଳୟ ଠାରେ ଦାଖଲ କରିବ।

ଯେଉଁ ଭବିଷ୍ୟନିଧି ପାଣ୍ଠି ମୁମ୍ବାଇ ବାହାରେ ଅବସ୍ଥିତ, ସେମାନେ ଅଗ୍ରୀମ ଫ୍ୟାକ୍ସ ( ନମ୍ବର-୦୨୨-୨୬୯୩୩୩୨) ଅବା ଚିଫ୍ ଜେନେରାଲ ମ୍ୟାନେଜର, ପବ୍ଲିକ ଆକାଉଣ୍ଟସ୍ ଡିପାର୍ଟମେଣ୍ଟ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ଫୋର୍ଟ, ମୁମ୍ବାଇ-୪୦୦୦୦୧ ଠିକଣାରେ, ପତ୍ର ମାଧ୍ୟମରେ ନିଲାମ ଡାକି ପାରିବେ।

**ଦିନାଙ୍କିତ ପ୍ରତିଭୂତି**

ସରକାରୀ ଦସ୍ତାବିଜ ଏକ ବର୍ଷ ଅବଧିରୁ ଊର୍ଦ୍ଧ୍ୱ ସରକାରୀ ଦସ୍ତାବିଜକୁ ଦିନାଙ୍କିତ ପ୍ରତିଭୂତି କୁହାଯାଏ। ଏବେ ବହୁଗୁଡିଏ ଦିନାଙ୍କିତ ପ୍ରତିଭୂତି ୨୦ ବର୍ଷର ଅବଧି ସହ ବଜାରରେ ରହିଛି।

***ନିଲାମ/କ୍ରୟ***

ଦିନାଙ୍କିତ ପ୍ରତିଭୂତି ନିଲାମ କିମ୍ବା ବିକ୍ରି ମାଧ୍ୟମରେ କ୍ରୟ କରାଯାଏ। ପ୍ରକୃତରେ ଦିନାଙ୍କିତ ପ୍ରତିଭୂତିର ବିକ୍ରି କିମ୍ବା ନିଲାମ, ପୂର୍ବ ସ୍ଥିରୀକୃତ କିମ୍ବା ନିଲାମ ଦ୍ୱାରା ସ୍ଥିର ହୋଇଥିବା ସୁଧହାର ଅନୁସାରେ

ହୋଇଥାଏ । ସ୍ଥିରୀକୃତ ସୁଧହାର ଯୁକ୍ତ ପ୍ରତିଭୂତି ବେଳେବେଳେ ଅନିର୍ଦ୍ଦିଷ୍ଟ କାଳପାଇଁ ଓ ବେଳେବେଳେ ଲକ୍ଷ ପରିମାଣ ପୂରଣ ହେବା ପର୍ଯ୍ୟନ୍ତ ଖୋଲା ରହେ ।

***ଘୋଷଣା***

ସରକାରୀ ପ୍ରତିଭୂତି ବିକ୍ରୟ ପାଇଁ କୌଣସି କ୍ୟାଲେଣ୍ଡର ନଥିଲେ ସୁଦ୍ଧା ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ବିକ୍ରି ଘୋଷଣା ପାଇଁ ପ୍ରେସ ଇସ୍ତାହାର ଜାରି କରନ୍ତି । ଛପା ଗଣମାଧ୍ୟମ ଓ ଇଲୋକ୍ଟ୍ରୋନିକ୍ ଚ୍ୟାନେଲରେ ପ୍ରେସ୍ ଇସ୍ତାହାର ବ୍ୟାପକ ଭାବେ ଜାରି କରାଯାଏ । ଭାରତ ସରକାର ମଧ୍ୟ କେତେକ ଅଗ୍ରଣୀ ଅର୍ଥନୈତିକ ସମ୍ବାଦ ପତ୍ରରେ ବିଜ୍ଞାପନ ଦେଇଥାନ୍ତି । ନିଲାମ/ବିକ୍ରି ଓ ତାର ଫଳାଫଳ ମଧ୍ୟ ରିଜର୍ଭ ବ୍ୟାଙ୍କର website ( http://www.rbi.org.in ) ରେ ପ୍ରକାଶିତ ହୋଇଥାଏ ।

***ପରିମାଣ***

କ୍ରୟବିକ୍ରୟର ସର୍ବନିମ୍ନ (ପରିମାଣ ୧୦ ହଜାର ଟଙ୍କା ଓ ୧୦ ହଜାର ଟଙ୍କାର ଗୁଣିତକ ହୋଇଥାଏ ।

*କେଉଁଠାରେ ବିକ୍ରି ଅନୁଷ୍ଠିତ ହୁଏ ?*

ସାଧାରଣତଃ ନିଲାମ ଓ ବିକ୍ରି ମୁମ୍ବାଇସ୍ଥିତ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୁଏ । ପ୍ରୋଭିଡେଣ୍ଟ ଫଣ୍ଡ ତାର ପ୍ରତିଯୋଗୀ ନିଲାମ/ଆବେଦନକୁ ନିର୍ଦ୍ଧାରିତ ଫର୍ମରେ ଦାଖଲ କରିବେ । ତାହା ପ୍ରତିଭୂତିରେ ନିଲାମ/ବିକ୍ରି ବେଳେ ଚିଫ୍ ଜେନେରାଲ୍ ମ୍ୟାନେଜର, ଲୋକ ଋଣ କାର୍ଯ୍ୟାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଫୋର୍ଟ, ମୁମ୍ବାଇ-୪୦୦୦୦୧ (ଫ୍ୟାକ୍ସ : ୦୨୨-୨୬୬୨୬୨୧/୦୨୨-୨୬୬୦୮୧୬)ଙ୍କୁ ଉପଲବ୍ଧ ହେବା ଆବଶ୍ୟକ ।

***ଅର୍ଥ ପୈଠ***

ନିଲାମ କ୍ଷେତ୍ରରେ ସଫଳ ନିଲାମଧାରୀ ନିଲାମ ଦିନର ପରବର୍ତ୍ତୀ ଦିନରେ ଅର୍ଥ ପୈଠ କରିଥାନ୍ତି । ସ୍ଥିରୀକୃତ କୁପନ କ୍ଷେତ୍ରରେ ଆବେଦନ ପତ୍ର ସହ ଅର୍ଥ ପୈଠ କରିବାକୁ ପଡିବ । ଅର୍ଥ ପୈଠର ମାଧ୍ୟମ ଚେକ/ନଗଦ ଭାରତୀୟ ରିଜର୍ଭ ବ୍ୟାଙ୍କ ନାମରେ ଅବା ବ୍ୟାଙ୍କର୍ସ ପେ ଅର୍ଡରରେ ହେବା ଉଚିତ ।

**ରାଜ୍ୟ ସରକାରଙ୍କ ପ୍ରତିଭୂତି**

ଏହି ସବୁ ପ୍ରତିଭୂତି ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥାଏ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ଓ ସେବିତ ହୋଇଥାଏ । ରାଜ୍ୟ ସରକାରଙ୍କ ପ୍ରତିଭୂତିର ଅବଧି ସାଧାରଣତଃ ୧୦ ବର୍ଷ ହୋଇଥାଏ । ରାଜ୍ୟ ସରକାରଙ୍କ ପ୍ରତିଭୂତି ସର୍ବନିମ୍ନ ଏକ ହଜାର ଟଙ୍କା ଓ ଏକ ହଜାର ଟଙ୍କାର ଗୁଣିତକ ଭାବେ ଉପଲବ୍ଧ ହୋଇଥାଏ । ଏହା ସ୍ଥିରୀକୃତ କୁପନରେ ଉପଲବ୍ଧ ହୁଏ । ଏବେ, କେତେକ ରାଜ୍ୟ ସରକାର ନିଜର ପ୍ରତିଭୂତିକୁ ନିଜେ ନିଲାମ କରିବା ଆରମ୍ଭ କରିଛନ୍ତି । ଏହି ପ୍ରତିଭୂତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅବା ଏହାର ସହଯୋଗୀ ବ୍ୟାଙ୍କ ମାଧ୍ୟମରେ କ୍ରୟ କରାଯାଇପାରିବ ।

***କି-ସେକସର ଉପଲବ୍ଧତା***

ସରକାରୀ ପ୍ରତିଭୂତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିଲାମ/ବିକ୍ରି ମାଧ୍ୟମରେ କ୍ରୟ କରିବା ସହ ସମସ୍ତ ପ୍ରକାର ସରକାରୀ କାଗଜପତ୍ର ଅନୁସଙ୍ଗୀ ବଜାରରୁ କ୍ରୟ କରାଯାଇପାରିବ । ଅଧିସ୍ୱୀକୃତ ପ୍ରାଥମିକ ଡିଲର ଏବଂ ସେଟଲାଇଟ୍ ଡିଲରମାନେ ପ୍ରତିଭୂତିକୁ କ୍ରୟ ଓ ବିକ୍ରୟ କରିପାରିବେ ।

ଏଥିସହ ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରୀ ପ୍ରତିଭୂତିକୁ ତାର ଖୋଲା ବଜାର ପରିଚାଳନା ଢଷଛଯଛଢ ମାଧ୍ୟମରେ ବିକ୍ରି କରୁଛି । ରିଜର୍ଭ ବ୍ୟାଙ୍କରେ ଉପଲବ୍ଧ ଥିବା ପ୍ରତିଭୂତିକୁ ଅହମ୍ମଦାବାଦ, ବାଙ୍ଗାଲୋର, କଲିକତା, ଚେନ୍ନାଇ, ହାଇଦ୍ରାବାଦ, କାନପୁର, ନୂଆ ଦିଲ୍ଲୀ ଓ ମୁମ୍ବାଇ କାର୍ଯ୍ୟାଳୟ ମାଧ୍ୟମରେ କ୍ରୟ କରାଯାଇପାରିବ ।